## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ

*ସାପ୍ତାହିକ କ୍ରମିକ ସଙ୍ଖ୍ୟା :୦୪,ବୁଲେଟିନ ନମ୍ବର- ୦୯,ତାରିଖ : ୩୦।୦୧।୨୦୨୪,ମଙ୍ଗଳ ବାର*

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୩୦.୦୧.୨୦୨୪ –୦୪.୦୨.୨୦୨୪, ବୁଧ ବାର – ରବି ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ଅତି ହାଲୁକା ରୁ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା(୨୩ –୨୬ °C)ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୪ -୧୬ °C ) ମଧ୍ୟରେ ରହିବାର ସମ୍ଭାବନା ରହିଛି । ଆଗମି ସପ୍ତାହ ରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୩୯–୮୮%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକଆର୍ଦ୍ରତା(୧୭–୩୦ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୩୧ -୦୧-୨୦୨୪ | ୦ | ୨୬ | ୧୬ | ୨ | ୮୭ | ୨୯ | ୬ | ୧୨୬ |
| | ୦୧-୦୨-୨୦୨୪ | ୧ | ୨୫ | ୧୬ | ୪ | ୮୧ | ୨୯ | ୭ | ୧୦୯ |
| | ୦୨-୦୨-୨୦୨୪ | ୫ | ୨୪ | ୧୪ | ୬ | ୮୮ | ୩୦ | ୭ | ୧୯୯ |
| | ୦୩-୦୨-୨୦୨୪ | ୦ | ୨୪ | ୧୪ | ୨ | ୫୮ | ୨୨ | ୯ | ୨୮୫ |
| | ୦୪-୦୨-୨୦୨୪ | ୦ | ୨୩ | ୧୬ | ୦ | ୩୯ | ୧୭ | ୬ | ୨୯୭ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ : ଡାଲୁଅ ଧାନ :** ପ୍ରତି ୩ ବର୍ଷରେ ବିହନ ବଦଳାନ୍ତୁ । ବିହନ ଗଜା ପରୀକ୍ଷା କରି ବୁନନ୍ତୁ ।

**ଚିନାବାଦାମ :**

ରବି ଚିନାବାଦାମ ରେ ଉକକୁଣିଆ ପୋକ ଲାଗିଥିଲେ ଏହାର ଦମନ ପାଇଁ ଏକର ପ୍ରତି ଟ୍ରାଇଜୋଫସବିକ୍ରମ କେଶରୀ ପାଣି ୪୦୦ ଏମ ଏଲ ୫୦ ମିଲି ଇମିଡ଼ାକ୍ଲୋପ୍ରିଡ ମିଶାଇ ସିଞ୍ଚନ କରନ୍ତୁ

**ଧାନ ତଳି ପରିଚାଳନା :**

ନର୍ସରୀରେ ହାଲୁକା ଜଳସେଚନ ପ୍ରୟୋଗ କରନ୍ତୁ ।

ବିହନ ବୁଣିବାର ୧୫ ଦିନ ପରେ ଧାନ ନର୍ସରୀରେ ଛିଡା ଜଳ ରଖନ୍ତୁ | ୧୫ ଦିନରେ ବିହନର ସଠିକ୍ ଶକ୍ତି ପାଇଁ ୪ କିଲୋଗ୍ରାମ ୟୁରିଆ ପ୍ରୟୋଗ କରନ୍ତୁ ।

ଜାନୁଆରୀ ମାସ ଶେଷରେ ନର୍ସରୀ ପ୍ରସ୍ତୁତି କାର୍ଯ୍ୟ ଶେଷ କର ।

ଏଥିପାଇଁ ହାଲୁକା ଏବଂ ମଧ୍ୟମ କିସମର ମଞ୍ଜି ବ୍ୟବହାର କରନ୍ତୁ ।

ଶେଷ ଚାଷ ସମୟରେ, ୪୦ ଟୋକେଇ ଗୋବର ଖତ, ୧୨ କିଲୋଗ୍ରାମ ସିଙ୍ଗଲ୍ ସୁପର ଫସଫେଟ୍ ଏବଂ ୦୨ କିଲୋଗ୍ରାମ ମୁରିଏଟ୍ ପୋଟାଶ୍ ସାର ମାଟିରେ ମିଶାନ୍ତୁ ।

**ଆଳୁ :**

ମେଘୁଆ ପାଗ ଯୋଗୁଁ ଆଳୁରେ ଜଉପୋକ ଲାଗିବାର ସମ୍ଭାବନା ରହିଛି ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକ ଲିଟର ପାଣିରେ ୪ ମିଲି ନିମ୍ବ ଜାତୀୟ କୀଟ ନାଶକ ଔଷଧ କିମ୍ବା ୨ ମିଲି ଡାଇମିଥୋଏଟ ମିଶାଇ ସିଞ୍ଚନ କରନ୍ତୁ

ଆଳୁରେ କର୍ତ୍ତକ କୀଟ ଲାଗୁଥିଲେ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ କିମ୍ବା ଫୋସଲୋନ ଟ୍ରାୟୋଜୋଫସ ଉପରବେଳା ପତ୍ର ସିଞ୍ଚନ କରନ୍ତୁ ଏଗୁଡିକ ଅନ୍ୟ କିଆରୀକୁ ମାଡି ନ ଯିବା ପାଇଁ ହିଡରେ କ୍ଲୋରୋପାଇରିଫସ ଶତକଡା ୧ ଭାଗ ଗୁଣ୍ଡ ବହକ ଭାବରେ ପ୍ରୟୋଗ କରନ୍ତୁ

**ରବି ଡାଲି ଜାତୀୟ ଫସଲ :**

ମୁଗ ବିରି ବୁଟ ଓ ମଟର ଫସଲରେ ଶତକଡା ୯୦ ଭାଗ ପାକଳ ହେଲେ ଅମଳ କରନ୍ତୁ ।

ଅମଳ ପରେ ମଞ୍ଜିକୁ ଭଲଭାବରେ ଟାଣ ଖରାରେ ୨-୩ ଦିନ ଶୁଖାଇ ସାଇତି ରଖନ୍ତୁ ।

ମୁଗ ବିରିରେ କୁଇଣ୍ଟାଲ ପ୍ରତି ୨୦୦ ଗ୍ରାମ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ରଖିଲେ ପୋକ ଲାଗିବାର ଆଶଙ୍କା କମିଯାଇଥାଏ ।

**ଗୋଲାପ ଚାଷ :**

ଗୋଲାପ ଚାଷରେ ଉକୁଣିଆ ଓ ଜଉ ପୋକ ଦମନ ପାଇଁ ୨ ମିଲି ଡ଼ାଇମିଥଏଟ ବା ୦.୩ ମିଲି ଇମିଡ଼ାକ୍ଲୋପ୍ରିଡ ୧୭.୮ ଏସଏଲ କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ

**ମକା :**

ମକା ଫସଲ ୨-୩ ସପ୍ତାହର ହୋଇଗଲେ କୋଡାଖୁସା କରି ଘାସ ବାଛନ୍ତୁ ।

ଘାସ ବଛା ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ଗଛଠାରୁ ୫ସେମି ଛାଡି ଧାଡିରେ ପ୍ରୟୋଗ କରନ୍ତୁ ଓ ହୁଡା ଟେକନ୍ତୁ ।

ମାଟିର ବତର କୁ ଚାହିଁ ଜଳସେଚନ କରନ୍ତୁ ।

କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ ।

**ଗହମ :**

କାଳିଗୁଣ୍ଡି ରୋଗର ଦମନ ପାଇଁ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସଅଳ ଲଗାଯାଇଥିବା ଫସଲରେ ଶସ୍ୟଦାଗ ରୋଗ ଲାଗିବାର ସମ୍ଭାବନା ଅଛି ।

ଏହାର ଦମନ ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ ।

**ସୂର୍ଯ୍ୟମୂଖୀ :**

ଏବେଠାରୁ ଖରାଦିନିଆ ସୂର୍ଯ୍ୟମୂଖୀ ପାଇଁ ଜମି ପ୍ରସ୍ତୁତ କରନ୍ତୁ

ଉନ୍ନତ କିସମ ପାଇଁ ସନରାଇଜ ମୋରଡେନ ଓ ଶଙ୍କର ଜାତୀୟ ପାଇଁ ଏମ ଏସ ଏଫ ଏଚ -୧୭ କେ ବି ଏସ ଏଚ -୧ ପି ଏ ସି -୩୬ ପିଏସି -୧୦୯୧ ଆଦି ବିହନ ସଂଗ୍ରହ କରନ୍ତୁ

ରବି ସୂର୍ଯ୍ୟମୂଖୀ ବୁଣିବାର ୨୧-୩୦ ଦିନ ର ହୋଇଥିଲେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ ଏକର ପ୍ରତି ଉନ୍ନତ କିସମ ହୋଇଥିଲେ ୩ କିଗ୍ରା ଓ ଶଙ୍କର ଜାତୀୟ ପାଇଁ ୬ କିଗ୍ରା ହିସାବରେ ଯବକ୍ଷାରଜାନ ପ୍ରଥମ ଶୀର୍ଷ ସାର ରୂପେ ଗ୍ରହଣ କରନ୍ତୁ

ଫସଲରେ ଉଇ ଜନିତ ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ୨୦ ଇସି ମିଶାଇ ମାଟିକୁ ଭଲଭାବରେ ଭିଜାଇ ଦିଅନ୍ତୁ

**କୁକୁଡ଼ା ପାଳନ :**ଅଧିକ ଅଣ୍ଡା ଓ ମାଂସ ପାଇଁ ଗାଁ ଗହଳିର ବାଡିବାଗିଚାରେ ବନରାଜା ,ଗ୍ରାମପ୍ରିୟ ଓ ପଲ୍ଲୀରଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ ।

**ପ୍ରାଣୀ :**

ଗାଇମାନଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫଏମଡି ଭାକ୍ସିନ ଗ୍ରହଣ କରନ୍ତୁ

ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କା ଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ

ସୁବିଧାଥିଲେ ଗୋରୁଙ୍କୁ ମଧ୍ଯ ଅଖାରେ ଘୋଡାଇ ରଖନ୍ତୁ

ଗୋରୁ ଗୁହାଳ ର ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତିପ୍ରଦାୟକ ତନ୍ତୁଜାତୀୟ ଖାଦ୍ୟ ଯଥା ଘାସ ନଡା ପାଳ କୁଣ୍ଡା ଚୋକଡ ତାଳପତ୍ର ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦିଅନ୍ତୁ ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ବିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍ ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*